SAMBAD
ସମ୍ବାଦ

02nd July 2020

# ଅନ୍‌ଲାଇନ୍‌ରେ ଆଇଆଇଟି ପରୀକ୍ଷା, ଭାଗନେଲେ ସବୁ ଛାତ୍ରଛାତ୍ରୀ

ଭୁବନେଶ୍ୱର,୧/୭(ଇମିସ): କୋଭିଡ୍-୧୯ ସଂକ୍ରମଣ ଭିତରେ ଭୁବନେଶ୍ୱର ଆଇଆଇଟି ପକ୍ଷରୁ ସଫଳତାର ସହ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ଅନ୍‌ଲାଇନ୍ ପରୀକ୍ଷାର ଆୟୋଜନ କରାଯାଇଛି। ଶତ ପ୍ରତିଶତ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ଜୁନ୍ ୨୪ରୁ ୩୦ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଏହି ପରୀକ୍ଷାରେ ବି. ଟେକ୍ ପାଠ୍ୟକ୍ରମରେ ସର୍ବାଧିକ ୨୦୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଏମ୍.ଟେକ୍‌ରେ ୧୬୭, ଏମ୍.ଏସ୍‌ସିରେ ୭୫, ପିଏଚ୍‌ଡିରେ ୪୨ ଓ ଡୁଆଲ୍ ଡିଗ୍ରିରେ ୩୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି।

ଆଇଆଇଟିର ନିର୍ଦ୍ଦେଶକ ଆର ଭି ରାଜକୁମାରଙ୍କ କହିବାନୁଯାୟୀ ଅନ୍‌ଲାଇନ୍‌ରେ ପରୀକ୍ଷା କରାଇବା ଆମ ପାଇଁ ଏକ ଆହ୍ୱାନ ଥିଲା। ପରୀକ୍ଷାର ସ୍ୱଚ୍ଛତା ଉପଲବ୍ଧ କରାଇବା ଲାଗି ଇଣ୍ଟରନେଟ୍ ସଂଯୋଗ କରିବା କଷ୍ଟକର ଥିଲା। କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ ବଦଳରେ ଆଇଆଇଟି ଭୁବନେଶ୍ୱରର ନିଜସ୍ୱ ଜ୍ଞାନକୌଶଳରେ ପ୍ରସ୍ତୁତ ପ୍ଲାଟ୍‌ଫର୍ମ ତଥା ଭର୍ଚୁଆଲ୍ ଏକ୍‌ଜାମିନେସନ ହଲ୍‌ରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଫଳରେ ଛାତ୍ରୀଛାତ୍ର ନିଜ ନିଜ ଘରେ ରହି ପରୀକ୍ଷା ଦେଇଥିଲେ। ପରୀକ୍ଷା ଚାଲିଥିବା ସମୟରେ ପିଲାମାନେ ଯେପରି ଇଣ୍ଟରନେଟ୍ କିମ୍ବା କୌଣସି ସ୍ମାର୍ଟଫୋନ୍ ବ୍ୟବହାର ନ କରନ୍ତି ସେଥିଲାଗି ସିଷ୍ଟମ୍‌ରେ ସ୍ୱତନ୍ତ୍ରଭାବେ ନୀରିକ୍ଷଣ ବ୍ୟବସ୍ଥା ମଧ୍ୟ ରହିଥିଲା। ପରୀକ୍ଷା ଲାଗି ଶିକ୍ଷାନୁଷ୍ଠାନ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ଦୁଇଟି ଅପ୍‌ସନ୍ ଦିଆଯାଇଥିଲା। ତେବେ ପ୍ରଥମ ଅପ୍‌ସନ୍‌ରେ ଶତ ପ୍ରତିଶତ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି।